


ଆଶିଷ୍ ରାଇଟୁର୍

ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ।

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ଓ୍ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଫେବୃୟାରୀ ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି। ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି। ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ଓ୍ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ। ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ। ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ। ଆମର ଇମେଲ୍. : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ। ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ।

**God is a Good God (Odia)**

# ଈଶ୍ୱର
# ଉତ୍ତମ ଓ ମଙ୍ଗଳମୟ

# ସୂଚୀପତ୍ର


| | | |
|---|---|---|
| ୧. | ଆମ ଦୃଷ୍ଟିରେ ଈଶ୍ୱରଙ୍କ ଛବି | ୧ |
| ୨. | ଈଶ୍ୱରଙ୍କ ପ୍ରକୃତ ଛବିର ଅନାବରଣ | ୨ |
| ୩. | ଈଶ୍ୱରଙ୍କ ସମ୍ବନ୍ଧୀୟ କେତୋଟି ବିଶେଷ ସତ୍ୟ | ୪ |
| ୪. | ଈଶ୍ୱର ଉତ୍ତମ ଓ ମଙ୍ଗଳମୟ | ୭ |
| ୫. | ଯୀଶୁଖ୍ରୀଷ୍ଟ – ଅଦୃଶ୍ୟ ଈଶ୍ୱରଙ୍କ ପ୍ରକୃତ ପ୍ରତିମୂର୍ତ୍ତି | ୧୦ |

# ୧

# ଆମ ଦୃଷ୍ଟିରେ ଈଶ୍ୱରଙ୍କ ଛବି

ବିଭିନ୍ନ ଉତ୍ସରୁ ପ୍ରାପ୍ତ ତଥ୍ୟସବୁକୁ ଭିତ୍ତି କରି ଆମ ମଧ୍ୟରେ ଈଶ୍ୱରଙ୍କର ଏକ ଛବି ବିକଶିତ ହୋଇଥାଏ, ଯେପରି - ଈଶ୍ୱରଙ୍କ ସମ୍ପର୍କରେ ଅନ୍ୟମାନେ ଯାହା କହିଛନ୍ତି; ଆମର ଅନୁଭବ, ପର୍ଯ୍ୟବେକ୍ଷଣ, ପଠନ, ବିଶ୍ଳେଷଣ ଯୋଗୁଁ ଆମେ ଯେଉଁ ଉପସଂହାରରେ ପହଞ୍ଚିଥାଉ ଇତ୍ୟାଦି। କିନ୍ତୁ ତଥ୍ୟସବୁରେ ଅନେକ ଭୁଲ ରହିଥାଏ। ଉଦାହରଣ ସ୍ୱରୂପ, ବୀମା କମ୍ପାନୀମାନଙ୍କର ଦାବି ପରିତ୍ୟାଗ ଘୋଷଣାରେ ଭୂମିକମ୍ପ, ଝଡ଼ତୋଫାନ ଓ ପ୍ରବଳ ବାତ୍ୟା ଭଳି ଆକସ୍ମିକ ଦୁର୍ଘଟଣାକୁ "ଈଶ୍ୱରଙ୍କ କାର୍ଯ୍ୟ" କୁହାଯାଇଥାଏ। ଏପରି ବିଚାରଧାରା ଆମ ମଧ୍ୟରେ ରହିଲେ ଈଶ୍ୱରଙ୍କୁ ଆମେ ସଠିକ୍ ଭାବରେ ବୁଝିପାରି ନଥାଉ। ଆମେ ଏହି ଧାରଣାର ବଶବର୍ତ୍ତୀ ହେଉ ଯେ, ଈଶ୍ୱର ନିୟମିତରୂପେ ଝଡ଼ତୋଫାନ, ଭୂମିକମ୍ପ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଘଟାଇଥାନ୍ତି।

ଆମେମାନେ ପରିତ୍ରାଣ ପ୍ରାପ୍ତ ହୋଇ ଖ୍ରୀଷ୍ଟିୟାନ ଜୀବନରେ ଦୀର୍ଘ ସମୟ ଅତିବାହିତ କରିଥିଲେ ମଧ୍ୟ ଈଶ୍ୱରଙ୍କର ଏକ ବିକୃତ, ଅସମ୍ପୂର୍ଣ୍ଣ ବା ଭୁଲ ଛବି ଆମ ମଧ୍ୟରେ ରହି ଥାଇପାରେ। ଅର୍ଥାତ୍ ଈଶ୍ୱରଙ୍କର ପ୍ରକୃତ ଛବିକୁ ଆମେ ଦେଖି ନଥାଉ। ଅତୀତର ଅନୁଭୂତିସବୁର ଆଧାରରେ ଆମଠାରେ ଈଶ୍ୱର କିଏ, ସେ କ'ଣ କରନ୍ତି ଓ କିପରି କାର୍ଯ୍ୟ କରନ୍ତି, ଏ ବିଷୟରେ ଅନେକ ପକ୍ଷପାତିତା, ଭ୍ରାନ୍ତଧାରଣା ଓ ଭୁଲ ଅନୁମାନ ରହିଥାଏ।

ଅନେକ ସମୟରେ ମଧ୍ୟ ଆମେମାନେ ଧାର୍ମିକ ସ୍ଥାନରେ ଅନେକ କଥା ଶୁଣି ଥାଉ, ଅନେକ ଧର୍ମ ସମ୍ବନ୍ଧୀୟ ପୁସ୍ତକ ପଢ଼ିଥାଉ। ଯଦ୍ଦ୍ୱାରା ଈଶ୍ୱରଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପାଇଥାଉ। ଏହାଦ୍ୱାରା ମଧ୍ୟ ଈଶ୍ୱରଙ୍କର ଏକ ଭୁଲ ଛବି ଆମ ମଧ୍ୟରେ ସ୍ଥାନ ପାଇଥାଏ। ଆମେ ମନେ କରିପାରୁ ଯେ ଆମେ ଠିକ୍ ଅଚ୍ଛୁ, କିନ୍ତୁ ପ୍ରକୃତରେ ଆମେ ଯେଉଁ ଦୃଷ୍ଟିରେ ଈଶ୍ୱରଙ୍କୁ ଦେଖୁ ତାହା ଠିକ୍ ନଥାଏ।

## ୨

# ଈଶ୍ୱରଙ୍କ ପ୍ରକୃତ ଛବିର୍ ଅନାବରଣ

*ଜଗତର ସୃଷ୍ଟି କାଳାବଧି ତାହାଙ୍କର ଅଦୃଶ୍ୟ ଗୁଣସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ, ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନଥାଏ। କାରଣ ସେମାନେ ଈଶ୍ୱରଙ୍କୁ ଜାଣି ତାହାଙ୍କୁ ଈଶ୍ୱର ବୋଲି ଗୌରବ ଦେଲେ ନାହିଁ କି ଧନ୍ୟବାଦ ଦେଲେ ନାହିଁ, କିନ୍ତୁ ଆପଣା ଆପଣା ଅସାର ତର୍କବିତର୍କରେ ଜଡ଼ିତ ହେଲେ ଓ ସେମାନଙ୍କର ଅବୋଧ ମନ ଅନ୍ଧକାରମୟ ହେଲା; ନିଜ ନିଜକୁ ଜ୍ଞାନୀ ବୋଲି ମନେ କରି ସେମାନେ ମୂର୍ଖ ହେଲେ, ପୁଣି, ଅକ୍ଷୟ ଈଶ୍ୱରଙ୍କ ଗୌରବକୁ କ୍ଷୟଣୀୟ ମନୁଷ୍ୟ, ପକ୍ଷୀ, ଚତୁଷ୍ପଦ ପ୍ରାଣୀ, ସରୀସୃପାଦିଙ୍କ ଆକୃତିଯୁକ୍ତ ପ୍ରତିମାରେ ପରିଣତ କଲେ (ରୋମୀୟ ୧:୨୦-୨୩)।*

ଈଶ୍ୱରଙ୍କ ସୃଷ୍ଟିରେ ତାହାଙ୍କ ସ୍ୱଭାବ ଆମମାନଙ୍କ ନିକଟରେ ପ୍ରକାଶିତ ହୋଇଅଛି। ତାହାଙ୍କ ଅଦୃଶ୍ୟ ଗୁଣସମୂହ, ତାହାଙ୍କ ଅନନ୍ତକାଳୀନ ଶକ୍ତି ଓ ଈଶ୍ୱରତ୍ୱ ତାହାଙ୍କ ସୃଷ୍ଟିରେ ସ୍ପଷ୍ଟରୂପେ ଦୃଶ୍ୟମାନ ହୁଏ ଓ ବୁଝି ହୁଏ। ସୃଷ୍ଟି ସ୍ରଷ୍ଟାଙ୍କର ଗୌରବ ବର୍ଣ୍ଣନା କରେ (ଗୀତ ୧୯:୧-୩)। ତଥାପି, ଦୁଃଖର ବିଷୟ ଏହି ଯେ ଲୋକମାନେ "ସୃଷ୍ଟିକର୍ତ୍ତା"ଙ୍କ ପରିବର୍ତ୍ତେ "ସୃଷ୍ଟବସ୍ତୁ"ର ପୂଜା କରିବାକୁ ଲାଗିଲେ। ଈଶ୍ୱରଙ୍କ ସୃଷ୍ଟିର ପର୍ଯ୍ୟବେକ୍ଷଣ କରି ଆମେ ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଶିକ୍ଷାଲାଭ କରିପାରୁ, ମାତ୍ର ଆମେ ଯତ୍ନବାନ୍ ହେବା ଯେପରି ସୃଷ୍ଟବସ୍ତୁକୁ ଆମ୍ଭେ ଈଶ୍ୱର ବୋଲି ନ ମାନୁ।

*ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ (୨ତୀମଥି ୩:୧୬)।*

ସୃଷ୍ଟି ବ୍ୟତୀତ, ଆମ ପାଖରେ ଈଶ୍ୱରଙ୍କ ବାକ୍ୟ ବାଇବଲ ରହିଛି, ଯାହା ଈଶ୍ୱରଙ୍କର ପ୍ରକୃତ ଛବି ପ୍ରଦାନ କରେ, କାରଣ ବାଇବଲର ରଚୟିତା ଈଶ୍ୱର ନିଜେ। ସମସ୍ତ ଶାସ୍ତ୍ର ଈଶ୍ୱରଙ୍କ ପ୍ରେରଣାରେ ରଚିତ ହୋଇ ଆମମାନଙ୍କ ନିକଟରେ ଉପଲବ୍ଧ ଅଟେ। ଆମେ ଜାଣୁ ଯେ, ସମସ୍ତ ଶାସ୍ତ୍ର ଈଶ୍ୱର-ନିଶ୍ୱସିତ ଓ ଈଶ୍ୱର ଅନୁ-ପ୍ରେରିତ। ବାଇବଲର ଲେଖକମାନେ ଈଶ୍ୱରଙ୍କ ଚାଳନାରେ ଏହାକୁ ରଚନା କରିଥିଲେ। ଏଣୁ ବାଇବଲ୍‌ରେ ଈଶ୍ୱର ଆତ୍ମ-ପ୍ରକାଶ କରିଛନ୍ତି ଓ ସେଥିରେ ସେ ଯାହା ଅଟନ୍ତି ଅର୍ଥାତ୍ ତାହାଙ୍କର ସ୍ୱଭାବ ଓ ଗୁଣସମୂହ ପ୍ରକାଶିତ ହୋଇଛି।

ଈଶ୍ୱର ଉତ୍ତମ ଓ ମଙ୍ଗଳମୟ

ବାଇବଲରେ ଈଶ୍ୱରଙ୍କର ଅନେକ ସ୍ୱଭାବ ଓ ଗୁଣ ବିଷୟରେ ଆମେ ପଢ଼ିଥାଉ :

- ଈଶ୍ୱର ସ୍ୱୟଂଜୀବୀ-ଈଶ୍ୱର ନିଜର ଅସ୍ତିତ୍ୱ ନିମନ୍ତେ କାହା ଉପରେ ନିର୍ଭର କରି ନଥାନ୍ତି।
- ଈଶ୍ୱର ଅନନ୍ତ - ଈଶ୍ୱର ଅନାଦି କାଳରୁ ରହିଛନ୍ତି ଓ ସଦାକାଳ ରହିବେ।
- ଈଶ୍ୱର ସୃଷ୍ଟିକର୍ତ୍ତା - ସେ ସମସ୍ତ ବିଷୟ ସୃଷ୍ଟି କରିଛନ୍ତି।
- ଈଶ୍ୱର ସର୍ବଶକ୍ତିମାନ - ସେ ସର୍ବସମର୍ଥ
- ଈଶ୍ୱର ସମସ୍ତ ଜ୍ଞାନ ଓ ବୁଦ୍ଧିର ଆକର - ସେ ସର୍ବଜ୍ଞ, ସର୍ବଦର୍ଶୀ
- ସେ ସବୁସ୍ଥାନରେ ବିଦ୍ୟମାନ - ସେ ସର୍ବବ୍ୟାପୀ। ସମସ୍ତ ସମୟ ଓ ସ୍ଥାନରେ ତାହାଙ୍କ ଉପସ୍ଥିତି ରହିଛି।
- ଈଶ୍ୱର ବ୍ୟକ୍ତିଗତ ଆତ୍ମିକ ପ୍ରାଣୀ - ସେ ଆତ୍ମିକ ପ୍ରାଣୀ ହେଲେ ମଧ୍ୟ ବ୍ୟକ୍ତିତ୍ୱ ବିଶିଷ୍ଟ। ତାଙ୍କର ଆବେଗ ଓ ଅନୁଭବ ରହିଛି।
- ଈଶ୍ୱର ଅସୀମ - ସେ ଅମାପ।
- ଈଶ୍ୱର ଅପରିବର୍ତ୍ତନୀୟ - ତାଙ୍କର ପରିବର୍ତ୍ତନ ନାହିଁ। ଆମେ ବୟସରେ ବୃଦ୍ଧିପ୍ରାପ୍ତ ହେଲେ ଆମଠାରେ ଅନେକ ଚାରିତ୍ରିକ ବୈଶିଷ୍ଟ୍ୟ ବିକଶିତ ହୋଇଥାଏ, ଯାହା ପରିବର୍ତ୍ତନଶୀଳ, କିନ୍ତୁ ଈଶ୍ୱର ସବୁବେଳେ ସମାନ ଅଟନ୍ତି। ସେ ଅଧିକ ପରିପକ୍ୱ ହେବାର ଆବଶ୍ୟକତା ନାହିଁ।
- ଈଶ୍ୱର ସାର୍ବଭୌମ - ସେ ଆମଠାରୁ ପରାମର୍ଶ ନେବାର ଆବଶ୍ୟକତା ନାହିଁ। ସେ ଯାହା ଚାହାନ୍ତି ତାହା କରନ୍ତି।
- ଈଶ୍ୱର ପବିତ୍ର।
- ଈଶ୍ୱର ଧାର୍ମିକ।
- ଈଶ୍ୱର ଯଥାର୍ଥ।
- ସେ ସତ୍ୟମୟ ଈଶ୍ୱର।
- ସେ ପ୍ରେମମୟ ଈଶ୍ୱର।
- ସେ ମଙ୍ଗଳମୟ - ଈଶ୍ୱର ଉତ୍ତମ ଓ ମଙ୍ଗଳମୟ। ତାଙ୍କର ଏହି ଗୁଣ ସମ୍ପର୍କରେ ଆମେ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଆଲୋଚନା କରିବା।

## ୩

# ଈଶ୍ୱରଙ୍କ ସମ୍ବନ୍ଧୀୟ କେତୋଟି ବିଶେଷ ସତ୍ୟ

ନିମ୍ନରେ ଈଶ୍ୱରଙ୍କ ସମ୍ବନ୍ଧରେ କେତେକ ବିଶେଷ ସତ୍ୟ ଦିଆଯାଇଛି-

**୧) ଈଶ୍ୱର ଯାହା ଅଟନ୍ତି ସେଥିସହିତ ଅର୍ଥାତ୍ ତାହାଙ୍କ ସ୍ୱଭାବ ସହିତ ତାହାଙ୍କ ଇଚ୍ଛା ସର୍ବଦା ସମନ୍ୱୟ ରକ୍ଷା କରେ।**

ଈଶ୍ୱର କିଏ, ତାହା ଯଦି ଆମେ ଜାଣୁ ତେବେ ଆମେ ମଧ୍ୟ ଜାଣିବା ତାଙ୍କର ଇଚ୍ଛା କ'ଣ। ଆମ ପ୍ରତି ତାହାଙ୍କର ଇଚ୍ଛା, ତାହାଙ୍କ ସ୍ୱଭାବ ବା ସେ ଯାହା ଅଟନ୍ତି ତହିଁର ବିପରୀତ ହୋଇ ନପାରେ। ଆମେ ଯଦି କହିବା ଆମେ ଈଶ୍ୱରଙ୍କ ଇଚ୍ଛାକୁ ଜାଣିନାହୁଁ, ତେବେ ସେ କିଏ ଆମେ ତାହା ଜାଣି ନାହୁଁ ବୋଲି କୁହାଯିବ। ଉଦାହରଣ ସ୍ୱରୂପ, ପାପ କ୍ଷମା କରିବା ଯେ ଈଶ୍ୱରଙ୍କ ଇଚ୍ଛା ଅଟେ, ଏହା ଜାଣିବା ପାଇଁ ଆମକୁ ଉପବାସ କରି ପ୍ରାର୍ଥନା କରିବାକୁ ପଡ଼ି ନଥାଏ। ଆମେ ଜାଣୁ ଯେ ପାପକ୍ଷମା କରିବା ତାଙ୍କର ସ୍ୱଭାବ। ଏଣୁ ଆମେ ଈଶ୍ୱରଙ୍କର ନିକଟବର୍ତ୍ତୀ ହୋଇ ପାପକ୍ଷମା କରିବା ପାଇଁ ପ୍ରାର୍ଥନା କରୁ ଓ ସେ ତାହା କରିଥାନ୍ତି। ଜଣେ ଅସୁସ୍ଥ ବ୍ୟକ୍ତି କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ। ଅସୁସ୍ଥ ବ୍ୟକ୍ତିକୁ ସୁସ୍ଥ କରିବା ତାହାଙ୍କର ଇଚ୍ଛା, କାରଣ ସେ ଆରୋଗ୍ୟକାରୀ ପରମେଶ୍ୱର ଏବଂ ତାହାଙ୍କର ଏହି ଇଚ୍ଛା ତାହାଙ୍କ ସ୍ୱଭାବ ସଙ୍ଗେ ସମଭାବରେ ରହିଥାଏ, କାରଣ ସେ ଆପଣା ସ୍ୱଭାବର ବିପରୀତ କାର୍ଯ୍ୟ କରିପାରିବେ ନାହିଁ। ତେଣୁ ସେ ପ୍ରତ୍ୟେକ ଅସୁସ୍ଥ ବ୍ୟକ୍ତିକି ସୁସ୍ଥ କରିବେ। ସେ କହନ୍ତି, "ଆମ୍ଭେ ସଦାପ୍ରଭୁ ତୁମ୍ଭର ଆରୋଗ୍ୟକାରୀ।" ଏହା ତାହାଙ୍କର ଆରୋଗ୍ୟକାରୀ ସ୍ୱଭାବକୁ ପ୍ରକାଶ କରେ।

**୨) ଈଶ୍ୱର ଯାହା ଯାହା କରନ୍ତି ତାହା ତାହାଙ୍କ ସ୍ୱଭାବ ଓ ଚରିତ୍ର ସଙ୍ଗେ ସମଭାବରେ ଥାଏ।**

ଏଣୁ, ସେ କିଏ ଆମେ ଯଦି ତାହା ଜାଣିବା ତେବେ ସେ ଯାହା ଯାହା କରନ୍ତି ତାହା ମଧ୍ୟ ଜାଣିବା। ବିବାହିତ ଲୋକେ ଏହି ସତ୍ୟକୁ ଭଲଭାବେ ବୁଝିପାରିବେ। ମୋ ସ୍ତ୍ରୀ ଏମି ମୋତେ ଜାଣନ୍ତି। ଏଣୁ ସେ କହିପାରିବେ ମୁଁ କ'ଣ ଚିନ୍ତା କରୁଛି, ମୁଁ କିପରି ବ୍ୟବହାର କରିବି, କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ମୁଁ କ'ଣ କରିପାରିବି। ସେ

ଦୀର୍ଘଦିନ ଧରି ମୋର ସ୍ୱଭାବ ଓ ଚରିତ୍ରକୁ ବୁଝିଛନ୍ତି। ସେହିପରି, ଆମେ ଈଶ୍ୱରଙ୍କୁ ଜାଣିଲେ, ସେ କ'ଣ କରନ୍ତି ତାହା ଜାଣିବା। ସେ ଯାହା କରନ୍ତି ତାହା ତାଙ୍କ ସ୍ୱଭାବ ଓ ଚରିତ୍ର ସଙ୍ଗେ ସମନ୍ୱୟ ରକ୍ଷା କରେ।

ଆମେ ଆଗରୁ କହିଛୁ ଯେ, ବାଇବଲ ଆମ ନିକଟରେ ଈଶ୍ୱରଙ୍କୁ ପ୍ରକାଶ କରେ। ଏଣୁ ଈଶ୍ୱର କିଏ ଅଟନ୍ତି, ତାଙ୍କର ସ୍ୱଭାବ ଓ ଚରିତ୍ର କ'ଣ ତାହା ବୁଝିବାକୁ ଚାହିଁଲେ ଆମେ ବାଇବଲ ପଢ଼ିବା ଆବଶ୍ୟକ।

**୩) ଈଶ୍ୱରଙ୍କ କଥା ଓ କାର୍ଯ୍ୟ ପରସ୍ପର ବିରୋଧୀ ନୁହେଁ କିଅବା ତାହା ତାଙ୍କର ସ୍ୱଭାବ ଓ ଚରିତ୍ରର ବିରୋଧ କରେ ନାହିଁ।**

ଈଶ୍ୱର କେବେ କହନ୍ତି ନାହିଁ, "ମୁଁ ସତ୍ୟମୟ ପରମେଶ୍ୱର ହେଲେ ମଧ୍ୟ ବେଳେ ବେଳେ ମିଥ୍ୟା କହିଥାଏ।" ସେ ମଧ୍ୟ କେବେ କହିବେ ନାହିଁ, "ମୁଁ ଜଣେ ଉତ୍ତମ ଈଶ୍ୱର ହେଲେ ମଧ୍ୟ ବେଳେ ବେଳେ ମୁଁ ମନ୍ଦ କାର୍ଯ୍ୟ କରିଥାଏ।" ତେଣୁ ତାଙ୍କ ସ୍ୱଭାବର ବିପରୀତ କୌଣସି କାର୍ଯ୍ୟ ସେ କେବେ କରିବେ ନାହିଁ। ଏହାଦ୍ୱାରା ଆମେ ସହଜରେ ବୁଝିପାରିବା ଯେ ଆମେ କାହାର କଥା ଶୁଣୁଛୁ - ଈଶ୍ୱରଙ୍କର ଅଥବା ଶୟତାନର ଅଥବା ନିଜର। ଆମେ ସରଳଭାବେ ନିର୍ଣ୍ଣୟ କରିପାରିବା ଯେ, ଈଶ୍ୱରଙ୍କ ସ୍ୱଭାବ ଓ ଚରିତ୍ର ଅନୁଯାୟୀ ଯଦି କିଛି ଆମେ ଶୁଣୁ ତେବେ ତାହା ଈଶ୍ୱରଙ୍କ ନିକଟରୁ ଆଗତ। ଯଦି ଏହା ତାଙ୍କ ସ୍ୱଭାବର ବିପରୀତ ତେବେ ଈଶ୍ୱରଙ୍କ ନିକଟରୁ ଆଗତ ନୁହେଁ। ତେଣୁ ଯଦି ଆମେ ଜାଣୁ ସେ କିଏ, ତେବେ ଆମେ ଜାଣିପାରିବା ସେ କ'ଣ କହନ୍ତି ଓ କ'ଣ କରନ୍ତି।

**୪) ଈଶ୍ୱରଙ୍କ ଶକ୍ତି ଅସୀମ, ତଥାପି କେତେକ ବିଷୟ ସେ କେବେ କରିବେ ନାହିଁ।**

ଈଶ୍ୱର ଘୋଷଣା କରିଛନ୍ତି ଯେ କେତେକ ବିଷୟ ସେ କେବେ କରିବେ ନାହିଁ। ଉଦାହରଣ ସ୍ୱରୂପ :

- ସେ ନିଜକୁ ଅସ୍ୱୀକାର କରିବେ ନାହିଁ (୨ତୀମଥି ୨:୧୩)।
- ସେ ମିଥ୍ୟା କହିବେ ନାହିଁ (ତିତସ ୧:୨)।
- ସେ ପାପ କରିବେ ନାହିଁ (ଯାକୁବ ୧:୧୩)।

ସେ ଏସବୁ କରିବେ ନାହିଁ, କାରଣ ଏସବୁ ତାଙ୍କ ସ୍ୱଭାବର ବିପରୀତ। ସେ କେବେ ଅବିଶ୍ୱସ୍ତ ହେବେ ନାହିଁ, ମିଥ୍ୟା କହିବେ ନାହିଁ କି ପ୍ରେମ ନକରି ରହିବେ ନାହିଁ।

**୫) ଈଶ୍ୱର ମନୁଷ୍ୟମାନଙ୍କୁ ଦେଇଥିବା ସ୍ୱାଧୀନ ନୈତିକ ଇଚ୍ଛାରେ (ମନୋନୟନ କରିବାର ସ୍ୱାଧୀନତା)ରେ ହସ୍ତକ୍ଷେପ କରନ୍ତି ନାହିଁ।**

ଈଶ୍ୱର ତାଙ୍କର ସାର୍ବଭୌମ କ୍ଷମତାର ଉପଯୋଗ କରି ଆମର ସ୍ୱାଧୀନ ନୈତିକ ଇଚ୍ଛା ଅର୍ଥାତ୍ ଭଲ ବା ମନ୍ଦକୁ ମନୋନୀତ କରିବାରେ ଆମର ଯେଉଁ ସ୍ୱାଧୀନତା ରହିଛି ତହିଁରେ ସେ କେବେ ହସ୍ତକ୍ଷେପ କରି ନଥାନ୍ତି। ତେଣୁକରି ସେ ଆଦମ ଓ ହବାକୁ ପାପ କରିବାରୁ ଅଟକାଇ ପାରି ନଥିଲେ। ଯଦି ସେ ଆମର ଏହି ସ୍ୱାଧୀନ ଇଚ୍ଛାରେ ହସ୍ତକ୍ଷେପ କରନ୍ତେ ତେବେ ଆମେ ମାନବ ନହୋଇ ଯନ୍ତ୍ରବତ୍ ମାନବ ବା ରୋବୋଟ୍ ହୋଇଥାନ୍ତୁ। ଈଶ୍ୱର ରୋବୋଟ୍ ସୃଷ୍ଟି କରି ନଥିଲେ। ସେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟର ସୃଷ୍ଟି କଲେ ଓ ତାକୁ ସ୍ୱାଧୀନ ଇଚ୍ଛା ଦେଲେ। ସେ **କେବେ** ଆମର ସ୍ୱାଧୀନ ଇଚ୍ଛା ଉପରେ ହସ୍ତକ୍ଷେପ କରିବେ ନାହିଁ। ଏଣୁ ଆମେ ଆମ ମନ ମୁତାବକ ପସନ୍ଦ କରିବାର ସ୍ୱାଧୀନତା ପାଇଛୁ। ସେ ଆମମାନଙ୍କୁ ପ୍ରଭାବିତ କରନ୍ତି, ସଂଶୋଧନ କରନ୍ତି, ଶିକ୍ଷା ଦିଅନ୍ତି, ଚାଳନା ଦିଅନ୍ତି, ଆମ ଅନ୍ତରରେ କାର୍ଯ୍ୟ କରନ୍ତି, ତାହାଙ୍କ ବାକ୍ୟ ପ୍ରଦାନ କରନ୍ତି ଓ ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମମାନଙ୍କୁ ଶକ୍ତିଯୁକ୍ତ କରନ୍ତି, ମାତ୍ର ଆମ ପକ୍ଷରୁ କେବେ ସେ କୌଣସି ବିଷୟ ମନୋନୟନ କରନ୍ତି ନାହିଁ। ତେଣୁକରି ସେ ଲୋକମାନଙ୍କୁ ନରକ ଯିବା ପାଇଁ ଦିଅନ୍ତି। ଈଶ୍ୱର ଚାହାନ୍ତି ଯେ ସମସ୍ତେ ପରିତ୍ରାଣ ପାଆନ୍ତୁ, କିନ୍ତୁ ଲୋକେ ନରକ ଯିବା ପାଇଁ ମନୋନୟନ କରିଥାନ୍ତି। ଈଶ୍ୱର କେବେ କେତେକ ଲୋକଙ୍କୁ ସ୍ୱର୍ଗ ଯିବା ପାଇଁ ଓ ଅନ୍ୟ କେତେକଙ୍କୁ ନରକ ଯିବା ପାଇଁ କହି ନାହାନ୍ତି। ତାହା ପକ୍ଷପାତିତାମୂଳକ ହୋଇଥାନ୍ତା। ଲୋକମାନେ ନିଜେ ନିଜେ ମନୋନୟନ କରିଥାନ୍ତି। ଯେତେବେଳେ ଆମ କହୁ ଯେ ଈଶ୍ୱର ସମସ୍ତ ବିଷୟକୁ ନିୟନ୍ତ୍ରଣ କରନ୍ତି, ଏହା ସାଧାରଣ ଭାବରେ କୁହାଯାଏ। କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ, ଆମେ ପୃଥିବୀରେ ବାସ କରୁ କରୁ ଆମର ସ୍ୱାଧୀନ ଇଚ୍ଛାରେ ବା ମନୋନୟନରେ ସେ ଆମର ନିୟନ୍ତ୍ରଣ କରିନଥାନ୍ତି। ଯଦି ଆମେ ନିର୍ବୋଧ ଭାବରେ ବିନାଶକାରୀ କୌଣସି ନିଷ୍ପତ୍ତି ନେଉ ତେବେ ତାହା ଆମର ପସନ୍ଦ, ତାହାଙ୍କର ନୁହେଁ।

# ୪

# ଈଶ୍ୱର ଉତ୍ତମ ଓ ମଙ୍ଗଳମୟ

ବାଇବଲ ଈଶ୍ୱରଙ୍କ ବିଷୟରେ ଅନେକ କଥା ପ୍ରକାଶ କରେ। ତେବେ **ଈଶ୍ୱର ଉତ୍ତମ ଓ ମଙ୍ଗଳମୟ** ଅଟନ୍ତି, ଏହି ସତ୍ୟକୁ ଧର୍ମଶାସ୍ତ୍ରର ସର୍ବତ୍ର ବର୍ଣ୍ଣନା କରାଯାଏ।

*ଆହା, ପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ! ଯେ ତାହାଙ୍କର ଶରଣାଗତ, ସେ ଧନ୍ୟ (ଗୀତ ୩୪:୮)।*

*କାରଣ ପ୍ରଭୁ ମଙ୍ଗଳମୟ, ତାହାଙ୍କର ପ୍ରେମ ଓ ଦୟା ଅନନ୍ତକାଳ ସ୍ଥାୟୀ ଏବଂ ତାହାଙ୍କ ବିଶ୍ୱସ୍ତତା ପୁରୁଷାନୁକ୍ରମେ ରହିଥାଏ (ଗୀତ ୧୦୦:୫)।*

*ପ୍ରଭୁଙ୍କର ଧନ୍ୟବାଦ କର କାରଣ ସେ ମଙ୍ଗଳମୟ ଏବଂ ତାହାଙ୍କର ପ୍ରେମ ଓ ଦୟା ଅନନ୍ତ। ଲୋକମାନେ ପ୍ରଭୁଙ୍କର ଅଶେଷ ଦୟା ତଥା ମନୁଷ୍ୟମାନଙ୍କ ପ୍ରତି ତାହାଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟାବଳୀ ସକାଶେ ଧନ୍ୟବାଦ ଦିଅନ୍ତୁ (ଗୀତ ୧୦୭:୧, ୮)।*

ସବୁକିଛି ଠିକ୍‌ଠାକ୍ ଥିଲେ ଆମେ ସାଧାରଣତଃ ଈଶ୍ୱରଙ୍କୁ ତାଙ୍କର ଉତ୍ତମତା ହେତୁ ଧନ୍ୟବାଦ ଦେଉ ଓ ପ୍ରଶଂସା କରୁ। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ଆମେ ମନେ କରୁ ଯେ, ସେ ମଙ୍ଗଳମୟ ହେବାରୁ ନିବୃତ୍ତ ହୋଇଛନ୍ତି। ସକାଳ ସମୟରେ କେତେ ଘଣ୍ଟା ପ୍ରାର୍ଥନା କରିବା ପରେ ଆମେ ମନେ କରୁ ଯେ ଆଜି ଦିନ ଈଶ୍ୱର ଆମ ନିମନ୍ତେ ଅତି ମଙ୍ଗଳମୟ ହେବେ। କିନ୍ତୁ ପରଦିନ କେଇ ମିନିଟ୍ ପ୍ରାର୍ଥନା କରି ଆମେ ମନେ କରୁ ଯେ ସେ ଆମ ପ୍ରତି ମଙ୍ଗଳମୟ ହୋଇ ନପାରନ୍ତି। ବିଭିନ୍ନ ସମୟରେ ଆମଠାରେ ଏକ ଦୋଷୀ ମନୋଭାବ ଦେଖାଯାଇଥାଏ ଯେ, ଆମେ ଯେତେ ଅଧିକ ପ୍ରାର୍ଥନା କରୁ ଈଶ୍ୱର ଆମ ପ୍ରତି ସେତେ ଅଧିକ ମଙ୍ଗଳମୟ ହୋଇଥାନ୍ତି। କିନ୍ତୁ ଈଶ୍ୱର ଯାହା ଅଟନ୍ତି ସେଥିଯୋଗୁଁ ସେ ମଙ୍ଗଳମୟ ଅଟନ୍ତି ଏବଂ ଆମେ ପ୍ରାର୍ଥନା କରୁ ବା ନକରୁ ସେ ଆମ ନିମନ୍ତେ ସର୍ବଦା ଉତ୍ତମ ଓ ମଙ୍ଗଳମୟ ଅଟନ୍ତି ଏବଂ ରହିବେ ମଧ୍ୟ। ଆମ ମଧ୍ୟରୁ ଅନେକେ ଚିନ୍ତା କରନ୍ତି ଯେ ଈଶ୍ୱର କେବଳ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ମଙ୍ଗଳମୟ ଅଟନ୍ତି। ତେବେ ଧର୍ମଶାସ୍ତ୍ର କ'ଣ କହେ ?

*ସଦାପ୍ରଭୁ କୃପାବାନ୍ ଓ ସ୍ନେହଶୀଳ; କ୍ରୋଧରେ ଧୀର ଓ ଦୟାରେ ମହାନ୍। ସଦାପ୍ରଭୁ ସମସ୍ତଙ୍କ ପ୍ରତି ମଙ୍ଗଳମୟ, ପୁଣି, ତାହାଙ୍କ ହସ୍ତକୃତ ସମସ୍ତ କର୍ମ ଉପରେ ତାହାଙ୍କର ଦୟା ଥାଏ (ଗୀତ ୧୪୫:୮, ୯)।*

ଈଶ୍ୱର ସମସ୍ତଙ୍କ ପ୍ରତି ମଙ୍ଗଳମୟ ଅଟନ୍ତି। ଯେଉଁମାନେ ଆମମାନଙ୍କୁ ତାଡ଼ନା କରନ୍ତି ସେମାନଙ୍କ ପ୍ରତି ମଧ୍ୟ। କେବଳ ମଣ୍ଡଳୀରେ ଉପାସନା କରୁଥିବା ଲୋକଙ୍କ ପ୍ରତି ନୁହେଁ, ମାତ୍ର ପାପୀମାନଙ୍କ ପ୍ରତି ମଧ୍ୟ ସେ ମଙ୍ଗଳମୟ ଅଟନ୍ତି !

*ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ; ସେ ତ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି (ମାଥିଉ ୫:୪୫)।*

ଏଣୁକରି ଆମେ ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିବା ଯେଉଁମାନେ ବିଶୃଙ୍ଖଳ ଅବସ୍ଥାରେ ଅଛନ୍ତି, ଯେପରି ସେ ସେମାନଙ୍କ ଉପରେ ଆପଣା ଉତ୍ତମତାକୁ ଢାଳନ୍ତି। ଈଶ୍ୱର ସମସ୍ତଙ୍କ ପାଇଁ ଉତ୍ତମ ଅଟନ୍ତି, ମଙ୍ଗଳମୟ ଅଟନ୍ତି। ପାପୀମାନଙ୍କୁ ଏହା କହିବା ଅନାବଶ୍ୟକ ଯେ, ସେମାନେ ନିଜ ନିଜକୁ ପରିଷ୍କାର କରନ୍ତୁ, ସତ୍‌କର୍ମ କରନ୍ତୁ ଏବଂ ତା'ପରେ ଆସି ମଣ୍ଡଳୀ ଉପାସନାରେ ଯୋଗ ଦିଅନ୍ତୁ, ତା' ହେଲେ ଈଶ୍ୱର ସେମାନଙ୍କ ପ୍ରତି ଉତ୍ତମ ହେବେ, ମଙ୍ଗଳମୟ ହେବେ। ଈଶ୍ୱର "ସମସ୍ତଙ୍କ ପ୍ରତି ମଙ୍ଗଳମୟ ଏବଂ ତାହାଙ୍କର ସୃଷ୍ଟ ସମସ୍ତଙ୍କ ପ୍ରତି ସେ କରୁଣାମୟ" (ଗୀତ ୧୪୫:୯)। ପାପୀ ମନୁଷ୍ୟ ଯେଉଁ ଅବସ୍ଥାରେ ଅଛି ସେହି ଅବସ୍ଥାରେ ଅର୍ଥାତ୍ ନିଜର ପାପ, ବିଶୃଙ୍ଖଳ ଜୀବନ ଓ ସବୁକିଛିକୁ ନେଇ ଯଦି ଈଶ୍ୱରଙ୍କ ନିକଟକୁ ଆସେ ତେବେ ଈଶ୍ୱରଙ୍କର ଉତ୍ତମତା ତାହାକୁ ମନ ପରିବର୍ତ୍ତନ ଆଡ଼କୁ କଢ଼ାଇ ନେବ (ରୋମୀ ୨:୪)।

ଈଶ୍ୱର ଯେହେତୁ ଉତ୍ତମ ଅଟନ୍ତି, ସେ ଚାହାନ୍ତି ଯେପରି ଆମେ ଉତ୍ତମ ବିଷୟ ସବୁ ପ୍ରାପ୍ତ ହେଉ। ସେ ନିଜକୁ ବିରୋଧ କରି କେବେ ହେଲେ କହିବେ ନାହିଁ, *"ମୁଁ ଉତ୍ତମ ଈଶ୍ୱର, କିନ୍ତୁ ତୁମେ ମନ୍ଦ ବିଷୟ ପାଅ ବୋଲି ମୋର ଇଚ୍ଛା।"* ସେ ଯାହା ଯାହା **କହନ୍ତି, କରନ୍ତି ଓ ଇଚ୍ଛା କରନ୍ତି** ସେସବୁ ଉତ୍ତମ ଓ ମଙ୍ଗଳଜନକ ଅଟେ।

**ଈଶ୍ୱର ଉତ୍ତମ ହୋଇଥିବାରୁ, ସେ ଜଣେ ଉଦାରଚିତ୍ତ ଦାତା ଅଟନ୍ତି।**

*ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ। କାରଣ ଯେ କେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ। କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ*

*ନିଜ ପୁଅ ରୋଟୀ ମାଗିଲେ, ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ (ମାଥିଉ ୭:୭-୧୧) ।*

ଯଦି ପୃଥିବୀର ପିତାମାନେ ସେମାନଙ୍କ ପିଲାମାନଙ୍କୁ ଉତ୍ତମ ବିଷୟମାନ ଦେଇ ପାରୁଛନ୍ତି, ତେବେ ଈଶ୍ୱରଙ୍କର ପିତୃତୁଲ୍ୟ ହୃଦୟକୁ ଆମେ ହେୟଜ୍ଞାନ କରିବା ଉଚିତ ନୁହେଁ। ଈଶ୍ୱର ଆମର ପରମପିତା। ଯଦି ଆମେ ମନ୍ଦ ହୋଇ ଆମ ପିଲାମାନଙ୍କର ସ୍ନେହଭରା ଯତ୍ନ ନେଇପାରୁଛୁ, ତେବେ ମୁଁ ନିଶ୍ଚିତରୂପେ କହିବି ଯେ ସର୍ବମହାନ୍ ଈଶ୍ୱର ତାଙ୍କର ପିଲାମାନଙ୍କୁ କେବଳ ଉତ୍ତମ ବିଷୟମାନ ହିଁ ଦେବା ପାଇଁ ଚାହାନ୍ତି।

*ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶ ମାତ୍ର ବିକାର ନାହିଁ (ଯାକୁବ ୧:୧୭)।*

*କାରଣ ସଦାପ୍ରଭୁ ପରମେଶ୍ୱର ସୂର୍ଯ୍ୟ ଓ ଢାଲ ଅଟନ୍ତି; ସଦାପ୍ରଭୁ ଅନୁଗ୍ରହ ଓ ଗୌରବ ଦେବେ; ସେ ସରଳାଚାରୀମାନଙ୍କଠାରୁ କୌଣସି ମଙ୍ଗଳ ବିଷୟ ଅଟକାଇବେ ନାହିଁ (ଗୀତ ୮୪:୧୧)।*

ଈଶ୍ୱର ଉତ୍ତମ ଓ ସିଦ୍ଧବର ଦିଅନ୍ତି। ସେ ଆମଠାରୁ କୌଣସି ମଙ୍ଗଳ ବିଷୟ ଅଟକାଇବେ ନାହିଁ।

## ୫

# ଯୀଶୁଖ୍ରୀଷ୍ଟ - ଅଦୃଶ୍ୟ ଈଶ୍ୱରଙ୍କ ପ୍ରକୃତ ପ୍ରତିମୂର୍ତ୍ତି

*ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ... (କଲସୀ ୧ : ୧୫କ)।*

*ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ... (୨ କରିନ୍ଥୀ ୪:୪)।*

*ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜନା କଲା ପରେ ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି (ଏବ୍ରୀ ୧:୩)।*

ଯୀଶୁ ଈଶ୍ୱରଙ୍କ ବିଶେଷ ବ୍ୟକ୍ତିତ୍ୱକୁ ଅର୍ଥାତ୍ ତାହାଙ୍କ ଇଚ୍ଛା, ତାହାଙ୍କ ମନ ଓ ତାହାଙ୍କ ଅନୁଭବକୁ ସଠିକ୍ ଭାବରେ ଉପସ୍ଥାପନ କରନ୍ତି। ଯୀଶୁ ଯେତେବେଳେ ଜଗତରେ ଥିଲେ ତାଙ୍କ କାର୍ଯ୍ୟରେ କୌଣସି ମନ୍ଦ ବିଷୟ ଦେଖା ଯାଇନଥିଲା। ଅସୁସ୍ଥ ଲୋକମାନେ ତାଙ୍କ ନିକଟକୁ ଆସିଲେ ସେ ସେମାନଙ୍କୁ ମନା ନକରି ସମସ୍ତଙ୍କୁ ସୁସ୍ଥ କରିଥିଲେ। ସେ ରୋଟୀ ଓ ମାଛକୁ ବହୁଗୁଣିତ କରି ଲୋକମାନଙ୍କୁ ଖୁଆଇ ସେମାନଙ୍କ କ୍ଷୁଧା ନିବାରଣ କରିଥିଲେ ଅର୍ଥାତ୍ ସେମାନଙ୍କ ଶାରୀରିକ ଆବଶ୍ୟକତାକୁ ପୂରଣ କରିଥିଲେ। ଈଶ୍ୱର କିଏ ତାହା ସେ ଆମମାନଙ୍କ ନିକଟରେ ପ୍ରକାଶ କରିଥିଲେ। ଈଶ୍ୱର ଯେ ଆମମାନଙ୍କ ପାର୍ଥିବ ଜୀବନ ବିଷୟରେ ଚିନ୍ତା କରନ୍ତି, ତାହା ସେ ଦର୍ଶାଇ ଥିଲେ।

*ଆଉ ଦେଖ, ସେହି ସୀମାରୁ ଜଣେ କିଣାନୀୟା ସ୍ତ୍ରୀ ଆସି ଉଚ୍ଚ ସ୍ୱରରେ କହିବାକୁ ଲାଗିଲା, ହେ ପ୍ରଭୁ, ଦାଉଦ ସନ୍ତାନ, ମୋତେ ଦୟା କରନ୍ତୁ। ମୋର ଝିଅଟିକୁ ଅତି ଭୟଙ୍କର ଭାବରେ ଭୂତ ଲାଗିଅଛି (ମାଥିଉ ୧୫:୨୨)।*

*ଆଉ ଦେଖ, ପଥ ପାର୍ଶ୍ୱରେ ଦୁଇଜଣ ଅନ୍ଧ ଯୀଶୁ ସେହି ପଥ ଦେଇ ଯାଉଅଛନ୍ତି ଶୁଣି ଉଚ୍ଚ ସ୍ୱର କରି କହିଲେ, ହେ ପ୍ରଭୁ, ଦାଉଦ ସନ୍ତାନ, ଆମ୍ଭମାନଙ୍କୁ ଦୟା କରନ୍ତୁ (ମାଥିଉ ୨୦:୩୦)।*

କିଣାନୀୟା ସ୍ତ୍ରୀ ଓ ଦୁଇଜଣ ଅନ୍ଧ ଯୀଶୁଙ୍କ ଦୟା ଦାବି କଲେ, ସେମାନଙ୍କ ପ୍ରତି କରୁଣା ପ୍ରକାଶ କରିବା ପାଇଁ ଅନୁନୟ କଲେ, ଏବଂ ଯୀଶୁ ଆପଣା ଉତ୍ତମତା ପ୍ରକାଶ କରି ସେମାନଙ୍କ ଆବଶ୍ୟକତାକୁ ପୂରଣ କଲେ, ଯଦ୍ଦ୍ୱାରା ସେମାନେ ସୁସ୍ଥ ହେଲେ। ଯୀଶୁ ଅଦୃଶ୍ୟ ଈଶ୍ୱରଙ୍କର ପ୍ରତିମୂର୍ତ୍ତି ଓ ସେ ଈଶ୍ୱରଙ୍କୁ ପ୍ରକୃତରୂପେ ପ୍ରକାଶ କରନ୍ତି। ଆମେ ମଧ୍ୟ ଈଶ୍ୱରଙ୍କର ଉତ୍ତମତାକୁ ଦାବି କରିପାରୁ ଓ ପ୍ରତିଦିନ ତାହାଙ୍କ ଉତ୍ତମତାକୁ ଅନୁଭବ କରିପାରୁ।

**ପୁଣି ମନେ ପକାଇ ଦେବାକୁ ଚାହେଁ :**

- ଈଶ୍ୱର ଯାହା ଅଟନ୍ତି ସେଥି ସହିତ ଅର୍ଥାତ୍ ତାହାଙ୍କ ସ୍ୱଭାବ ସହିତ ତାହାଙ୍କ ଇଚ୍ଛା ସର୍ବଦା ସମନ୍ୱୟ ରକ୍ଷା କରେ।

ଏଣୁ **ସେ କିଏ**, ଏହା ଯଦି ଆପଣ ଜାଣନ୍ତି, **ତାଙ୍କର ଇଚ୍ଛା କ'ଣ** ଅଟେ ତାହା ବି ଆପଣ ଜାଣିପାରିବେ। ଅନେକ ଲୋକ ଈଶ୍ୱରଙ୍କର ଇଚ୍ଛା କହିଲେ ଭୟଭୀତ ହୋଇଥାନ୍ତି ସତେ ଯେପରି ଏହା ଏକ ଭୟଙ୍କର ବିଷୟ। ଈଶ୍ୱରଙ୍କ ଇଚ୍ଛା ନିକଟରେ ସମର୍ପିତ ହେବା ଆପଣଙ୍କ ନିମନ୍ତେ ସର୍ବୋତ୍ତମ କାର୍ଯ୍ୟ ହେବ, କାରଣ ଆପଣଙ୍କ ନିମନ୍ତେ ତାହାଙ୍କ ଇଚ୍ଛା ସର୍ବଦା ଉତ୍ତମ ଅଟେ। ଖୁସି ହୁଅନ୍ତୁ।

- ଈଶ୍ୱର ଯାହା ଯାହା କରନ୍ତି ତାହା ତାହାଙ୍କ ସ୍ୱଭାବ ଓ ଚରିତ୍ର ସଙ୍ଗେ ସମଭାବରେ ଥାଏ।

ଏଣୁ ଆପଣ ଯଦି ଜାଣନ୍ତି **ସେ କିଏ**, ଆପଣ ମଧ୍ୟ ଜାଣିପାରିବେ ସେ କ'ଣ କରନ୍ତି ? ଆପଣ ସାହସର ସହିତ କହିବେ ଈଶ୍ୱର ଉତ୍ତମ ବିଷୟସବୁ କରନ୍ତି। ଅବଶ୍ୟ, ସେ ଆପଣଙ୍କୁ ଚେତାବନୀ ଦେବେ ଓ ସଂଶୋଧନ କରିବେ, କିନ୍ତୁ ତାହା ଆପଣଙ୍କ ନିମନ୍ତେ ମଙ୍ଗଳଜନକ ହେବ।

- ଈଶ୍ୱରଙ୍କ କଥା ଓ କାର୍ଯ୍ୟ ପରସ୍ପର ବିରୋଧୀ ନୁହେଁ କିଅବା ତାହା ତାଙ୍କର ସ୍ୱଭାବ ଓ ଚରିତ୍ରର ବିରୋଧ କରେ ନାହିଁ।

  ଈଶ୍ୱର କେବେ ଆପଣଙ୍କୁ କୌଣସି ଖରାପ କଥା କହିବେ ନାହିଁ କି ଭାବବାଣୀ ପ୍ରକାଶ କରି କହିବେ ନାହିଁ, "ତୁମେ ନରକକୁ ଯିବ।" ସେ କେବଳ ଉତ୍ତମ କଥା କହନ୍ତି ଓ ଉତ୍ତମ କାର୍ଯ୍ୟ କରନ୍ତି। ଈଶ୍ୱର ଏତେ ଉତ୍ତମ ଯେ ସେ କଦାପି ମନ୍ଦ ବିଷୟ କରିବେ ନାହିଁ, ଏତେ ଜ୍ଞାନୀ ଯେ ସେ କଦାପି ଭୁଲ କରିବେ ନାହିଁ, ଏତେ ସତ୍ୟମୟ ଯେ ସେ ଆପଣଙ୍କୁ ମିଥ୍ୟା କହିବେ ନାହିଁ ଏବଂ ଏତେ ଶକ୍ତିମାନ୍ ଯେ ଆପଣଙ୍କୁ ସେ ବିଫଳ ହେବାକୁ ଦେବେ ନାହିଁ।

**କିନ୍ତୁ ଈଶ୍ୱର ଯଦି ଉତ୍ତମ ଓ ମଙ୍ଗଳମୟ, ତେବେ ଜଗତରେ ମନ୍ଦ ବିଷୟସବୁ ଘଟୁଛି କାହିଁକି ?**

ପ୍ରତିଦିନ ଖବର କାଗଜରେ ପ୍ରକାଶ ପାଏ ଯେ ଲୋକମାନେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟି ବା ଆତଙ୍କବାଦୀଙ୍କ କାର୍ଯ୍ୟକଳାପ, ଅପରାଧ, ଦୁଷ୍କର୍ମ ଯୋଗୁଁ

ମରୁଛନ୍ତି । ତେଣୁ ଈଶ୍ୱର ଯଦି ଉତ୍ତମ ଓ ମଙ୍ଗଳମୟ କାହିଁକି ଏପରି ମନ୍ଦ ବିଷୟସବୁ ଘଟୁଛି ? କାହିଁକି ଉତ୍ତମ ଲୋକଙ୍କ ପ୍ରତି ମନ୍ଦ ବିଷୟ ଘଟୁଛି ?

ଈଶ୍ୱର ଉତ୍ତମ ଓ ମଙ୍ଗଳମୟ ସତ, ତେବେ ପୃଥିବୀରେ ଏକ ମନ୍ଦଶକ୍ତି ଅର୍ଥାତ୍ ଶୟତାନ କାର୍ଯ୍ୟରତ । ଶୟତାନ ମନ୍ଦ କର୍ମ କରିବା ପାଇଁ ଅନ୍ୟମାନଙ୍କୁ ପ୍ରଭାବିତ, ପ୍ରରୋଚିତ କରେ ଓ ମନ୍ଦ କର୍ମ କରାଏ । ଦୁଃଖର ବିଷୟ ଏହି ଯେ ଲୋକମାନେ ଜାଣିଶୁଣି ବା ନଜାଣି ଶୟତାନର ଏଜେଣ୍ଟ୍ ହୋଇ ପୃଥିବୀରେ ମନ୍ଦ କର୍ମ ସାଧନ କରନ୍ତି । ଆଦମଙ୍କ ପାପ ଯୋଗୁଁ ଶୟତାନ ଜଗତରେ ପ୍ରବେଶ କରିବାର ସୁଯୋଗ ପାଇଲା । ଏହି ପୃଥିବୀ ଆଦମଙ୍କୁ ଦିଆଯାଇଥିଲା ଏବଂ ଆଦମ ଈଶ୍ୱରଙ୍କର ଅବାଧ୍ୟ ହୋଇ ପୃଥିବୀର କର୍ତ୍ତୃତ୍ୱଭାର ଶୟତାନଙ୍କୁ ଦେଇଦେଲେ । ତେବେ ଏହା ସୀମିତ ସମୟ ପାଇଁ । ସେଥିପାଇଁ ଶୟତାନ ବର୍ତ୍ତମାନ ଏହି ପୃଥିବୀରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ତା'ର କାର୍ଯ୍ୟ କରିଚାଲିଛି (ପ୍ରକାଶିତ ୧୨:୧୨) । ତେବେ ଏକ "ସମୟ" (ମାଥିଉ ୮:୨୯) ଆସୁଛି ଯେତେବେଳେ ଶୟତାନର କର୍ତ୍ତୃତ୍ୱ ଲୋପ ପାଇବ ଏବଂ ଶୟତାନ ଓ ତା'ର ପାପଦୂତସକଳ ପୃଥିବୀରୁ ବହିଷ୍କୃତ ହେବେ । ପ୍ରକାଶିତ ପୁସ୍ତକରେ ଶୟତାନ ଓ ପାପାତ୍ମାମାନଙ୍କ ସମ୍ପର୍କରେ ଈଶ୍ୱରଙ୍କ ଯୋଜନା କ'ଣ ରହିଛି, ତାହା କୁହାଯାଏ (ପ୍ରକାଶିତ ୨୦:୧୦, ୧୪) ।

*ସେହି ସମୟରେ ଦିନେ ସେ ଓ ତାହାଙ୍କ ଶିଷ୍ୟମାନେ ଗୋଟିଏ ନୌକାରେ ଚଢ଼ିଲେ । ଆଉ ସେ ସେମାନଙ୍କୁ କହିଲେ, ଆସ ହ୍ରଦର ଆର ପାରିକି ଯିବା । ସେଥିରେ ସେମାନେ ନୌକା ଫିଟାଇଦେଲେ, କିନ୍ତୁ ସେମାନେ ନୌକା ବାହି ଯାଉଥିବା ସମୟରେ ସେ ଶୋଇ ପଡ଼ିଲେ । ସେତେବେଳେ ହ୍ରଦରେ ତୋଫାନ ହେଲା, ଆଉ ସେମାନଙ୍କ ନୌକା ଜଳରେ ପୂର୍ଣ୍ଣ ହେବାକୁ ଲାଗିଲା ଓ ସେମାନେ ବିପଦରେ ପଡ଼ିଲେ । ସେଥିରେ ସେମାନେ ନିକଟକୁ ଆସି ତାହାଙ୍କୁ ଉଠାଇ କହିଲେ, ହେ ଗୁରୁ, ହେ ଗୁରୁ, ଆମେ ମଲୁ । ଏଥିରେ ସେ ଉଠି ପବନ ଓ ପ୍ରବଳ ତରଙ୍ଗକୁ ଧମକ ଦେଲେ, ଆଉ ସେହିସବୁ ନିବୃତ୍ତ ହୋଇ ସୁସ୍ଥିର ହେଲା । ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର ବିଶ୍ୱାସ କାହିଁ ? କିନ୍ତୁ ସେମାନେ ଭୀତ ଓ ଚମତ୍କୃତ ହୋଇ ପରସ୍ପରକୁ କହିବାକୁ ଲାଗିଲେ, ଏ ତେବେ କିଏ ଯେ, ସେ ବାୟୁ ଓ ଜଳକୁ ସୁଦ୍ଧା ଆଦେଶ ଦିଅନ୍ତେ, ସେମାନେ ତାହାଙ୍କ ଆଜ୍ଞା ମାନନ୍ତି (ଲୂକ ୮:୨୨-୨୫) ।*

ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଝଡ଼ର ସାମ୍ନା କରିଥିଲେ (ଲୂକ ୮:୨୨-୨୫) । ସ୍ୱାଭାବିକଭାବେ ଶିଷ୍ୟମାନେ ଯାହା କରିପାରିବେ ତାହା କଲେ । କିନ୍ତୁ ସେମାନଙ୍କର ସମସ୍ତ ଉଦ୍ୟମ ବିଫଳ ହେବାରୁ ସେମାନେ ମନେ କଲେ ଯେ ସେମାନେ ଜଳରେ ବୁଡି ମରିବେ ।

ସେମାନେ ଯୀଶୁଙ୍କୁ ଉଠାଇଲେ । ସେହି ଝଡ଼ରେ ସେମାନଙ୍କ ଜୀବନ ହରାଇବା ଈଶ୍ୱରଙ୍କ ଇଚ୍ଛା ଅଟେ ବୋଲି ମନେ କରି ଯୀଶୁ ଅନ୍ତିମ ପ୍ରାର୍ଥନା କରି ନଥିଲେ । ତା' ପରିବର୍ତ୍ତେ, ସେ ସାହସର ସହିତ ନୌକାର ଆଗକୁ ଗଲେ ଏବଂ ପବନ ଓ ଝଡ଼କୁ ଧମକ ଦେଲେ । ଫଳରେ ସବୁ କିଛି ସୁସ୍ଥିର ହେଲା । ଏଠାରେ ପ୍ରଶ୍ନ ଉଠେ, କିଏ ଏହି ଝଡ଼ ବତାସ ଘଟାଇଲା ? ଈଶ୍ୱର ଅବା ଶୟତାନ ଅବା ପ୍ରକୃତିର କାର୍ଯ୍ୟ ଯୋଗୁଁ ?

ନିଶ୍ଚିତ ରୂପେ ଈଶ୍ୱର ଏହା ଘଟିବାକୁ ଦେଇ ନଥିଲେ, କାରଣ ଯୀଶୁ କେବେ ହେଲେ ପିତାଙ୍କର ଇଚ୍ଛା ବିରୁଦ୍ଧରେ ଯିବେ ନାହିଁ । ତେଣୁ ଏହା ଶୟତାନ ଘଟାଇ ଥାଇପାରେ ବା ପ୍ରକୃତି ଯୋଗୁଁ ଏପରି ଝଡ଼ବତାସ ଆସିଥାଇ ପାରେ । ଈଶ୍ୱର ଗତିର ଅନେକ ନିୟମ ରଖିଛନ୍ତି । ଗୋଟିଏ ସେଓ ଫଳକୁ ଉପରକୁ ଫିଙ୍ଗିଲେ ତାହା ତଳକୁ ଆସି ପଡ଼େ । ଈଶ୍ୱର ଏହାକୁ ଉପରୁ ତଳକୁ ଠେଲି ଦିଅନ୍ତି ବୋଲି ଏହା ତଳକୁ ଆସି ନଥାଏ, ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଏପରି ଘଟିଥାଏ । ଈଶ୍ୱର ପ୍ରକୃତିରେ ଅନେକ ନିୟମ କାର୍ଯ୍ୟକାରୀ ହେବାକୁ ଦେଇଥାନ୍ତି । କିନ୍ତୁ ଶୟତାନ ପ୍ରକୃତିକୁ ନେଇ ମଧ୍ୟ କାର୍ଯ୍ୟ କରିଥାଏ । ଆୟୁବ ୧ ଓ ୨ ଅଧ୍ୟାୟରେ ଆମେ ପଢୁ ଯେ ଶୟତାନ ଈଶ୍ୱରଙ୍କ ସମ୍ମୁଖରୁ ଯାଇ ଆୟୁବଙ୍କ ପରିବାର ଓ ତାଙ୍କ ଧନସମ୍ପତ୍ତିକୁ ଧ୍ୱଂସ କରିଦେବା ପାଇଁ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟାଇଲା । ଯେଉଁସବୁ ବିପର୍ଯ୍ୟୟ ଘଟୁଛି ସେଥିପାଇଁ ଈଶ୍ୱରଙ୍କୁ ଦୋଷ ଦିଅନ୍ତୁ ନାହିଁ, କାରଣ ସେ ସବୁସମୟରେ ଉତ୍ତମ ଓ ମଙ୍ଗଳମୟ ଅଟନ୍ତି । ଏହିସବୁ ମହାବିପତ୍ତି ଶୟତାନ ଘଟାଇଥାଏ ବା ପ୍ରକୃତିର ନିୟମସବୁ କାର୍ଯ୍ୟକାରୀ ହେବାରୁ ଏପରି ହୋଇଥାଏ ।

ଈଶ୍ୱର ଦିନେ ଉତ୍ତମ ଓ ଅନ୍ୟଦିନ ମନ୍ଦ ହୋଇ ନପାରନ୍ତି । ସେ ସର୍ବଦା ଉତ୍ତମ ଅଟନ୍ତି ।

ଯେତେବେଳେ ଯୀଶୁ ଝଡ଼କୁ ଧମକ ଦେଲେ, ସେ ବୁଲି ପଡ଼ି ଶିଷ୍ୟମାନଙ୍କୁ ପଚାରି ନଥିଲେ କାହିଁକି ସେମାନେ ସେଦିନ ଚର୍ଚ୍ଚକୁ ଯାଇ ନଥିଲେ । ସେ ପଚାରିଥିଲେ, "ତୁମ୍ଭମାନଙ୍କର ବିଶ୍ୱାସ କାହିଁ ?" ସେ ଜାଣିଥିଲେ ଯେ ଭୟଙ୍କର ଝଡ଼ ବତାସ ମଧ୍ୟରେ ସୁଦ୍ଧା ବିଶ୍ୱାସର ସହିତ ଝଡ଼ ଉପରେ ଅଧିକାର ସାବ୍ୟସ୍ତ କରିବା ସେମାନଙ୍କ ପକ୍ଷରେ ଉଚିତ ହୋଇଥାନ୍ତା । ସେହିପରି ଆମ ମଧ୍ୟରୁ ଅନେକେ ଆମ ଜୀବନରେ ଏପରି ଝଡ଼ବତାସ ମଧ୍ୟ ଦେଇ ଗତି କରୁଛୁ ଓ ଈଶ୍ୱରଙ୍କୁ ଦୋଷ ଦେଉଛୁ ଯେ, ସେ ଏସବୁ ବିପତ୍ତି ଆସିବାକୁ ଦେଇଛନ୍ତି । ଈଶ୍ୱରଙ୍କୁ ଦୋଷ ଦିଅନ୍ତୁ ନାହିଁ । ସେସବୁ ଉପରେ ଅଧିକାର ସାବ୍ୟସ୍ତ କରନ୍ତୁ, ଠିଆ ହୁଅନ୍ତୁ ଓ କହନ୍ତୁ ଯେ ଆମମାନଙ୍କର ଉତ୍ତମ ଓ ମଙ୍ଗଳମୟ ଈଶ୍ୱରଙ୍କଠାରେ ବିଶ୍ୱାସ

ରଖି ଆମେ ଝଡ଼ବତାସକୁ ସୁସ୍ଥିର କରୁଛୁ। ଆମମାନଙ୍କର ମଙ୍ଗଳମୟ ଈଶ୍ୱର ଝଡ଼ ଘଟାଇ ଆମ ଜୀବନକୁ ଡୁବାଇ ଦେବାକୁ ଚାହାନ୍ତି ନାହିଁ। ଈଶ୍ୱର କିଛି କାଳ ପର୍ଯ୍ୟନ୍ତ ଏପରି ବିପତ୍ତିମାନ ଘଟାଇବାକୁ ଶୟତାନକୁ ଅନୁମତି ଦେଇଛନ୍ତି ସତ, ତେବେ ସେ ଆମକୁ ପରିତ୍ୟାଗ କରିନାହାନ୍ତି, ଆମକୁ ନିଃସହାୟ ଭାବରେ ଛାଡ଼ି ଦେଇନାହାନ୍ତି। ସେ ଆମକୁ ବିଶ୍ୱାସରୂପ ଅସ୍ତ୍ର ଧାରଣ କରିବାକୁ ଦେଇଛନ୍ତି ଓ ତାହାଙ୍କ ବାକ୍ୟ ଦେଇଛନ୍ତି ଯଦ୍ଦ୍ୱାରା ଆମେ ବିଜୟୀ ଖ୍ରୀଷ୍ଟୀୟ ଜୀବନଯାପନ କରିପାରିବା।

ଈଶ୍ୱର ନ୍ୟାୟବାନ୍ ହୋଇଥିବାରୁ ସେ ନ୍ୟାୟ ବିଚାର ମଧ୍ୟ କରିଥାନ୍ତି। ଅବଶ୍ୟ ଯେତେବେଳେ ଆମେ ଈଶ୍ୱରଙ୍କ ନିୟମ ଲଂଘନ କରି ତାଙ୍କର ସୀମା ବାହାରକୁ ଚାଲିଯାଉ ସେତେବେଳେ ସେ ତାହା କରିଥାନ୍ତି।

ଈଶ୍ୱର ବାଞ୍ଛା କରନ୍ତି ଯେପରି ଆମେ ତାହାଙ୍କର ମହତ୍ତ୍ୱ ଅନୁସାରେ ତାହାଙ୍କର **ଆରାଧନା** କରିବା। ସେ ଯାହା ଅଟନ୍ତି ସେଥିନିମନ୍ତେ ତାହାଙ୍କର ଧନ୍ୟବାଦ ଓ ପ୍ରଶଂସା କରନ୍ତୁ। ସେ ମଧ୍ୟ ଚାହାନ୍ତି ଯେ ସେ ଯାହା ଅଟନ୍ତି ତଦନୁସାରେ ଆମେ **ଜୀବନଯାପନ** କରିବା। (ସେ ପବିତ୍ର ଅଟନ୍ତି, ତେଣୁ ଆମେ ପବିତ୍ର ହେବା; ସେ ଉତ୍ତମ ଅଟନ୍ତି, ତେଣୁ ଆମେ ପରସ୍ପର ପ୍ରତି ଉତ୍ତମ ବ୍ୟବହାର କରିବା; ଆମର ଜୀବନଶୈଳୀ ଓ ବ୍ୟବହାର ଉତ୍ତମ ଈଶ୍ୱରଙ୍କ ଅନୁରୂପୀ ହେବା ଉଚିତ) ସେ ଚାହାନ୍ତି ଯେ ଆମେ ତାଙ୍କର ପୂର୍ଣ୍ଣତା ଲାଭ କରୁ। ଏଣୁ ସେ ଯାହା ଅଟନ୍ତି ତହିଁର ପୂର୍ଣ୍ଣତା ଆମେ **ଅନୁଭବ** କରିବାକୁ ହେବ।

*ତାହାଙ୍କ ଅନୁଗ୍ରହର ପୂର୍ଣ୍ଣତାରୁ ଆମ୍ଭେମାନେ ସମସ୍ତେ ଆଶୀର୍ବାଦ ପରେ ଆଶୀର୍ବାଦ ଲାଭ କରିଛୁ (ଯୋହନ ୧:୧୬)।*

ଆମେମାନେ ଆମମାନଙ୍କ ଜୀବନରେ ଈଶ୍ୱରଙ୍କର ଉତ୍ତମତା ଅନୁଭବ କରିପାରିବା।

*"ନିଶ୍ଚୟ ମଙ୍ଗଳ ଓ ଦୟା ମୋହର ଜୀବନଯାଏ ମୋହର ପଶ୍ଚାତ୍‌ଗାମୀ ହେବ"*

*(ଗୀତ ୨୩:୬କ)*

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church
Account Number : 0057213809
IFSC Code : CITI0000004
Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ ( ୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ। ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ। ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ। ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ। ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା। ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା। ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ। ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ। ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ। ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ। ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ। ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ। ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ। ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ। ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ। ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ। ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି। ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ। ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି। ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ।

ଈଶ୍ୱର ପ୍ରେମମୟ ଓ କରୁଣାମୟ। କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ। ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ। ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩)।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯)।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି। ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ। ଏହି ପ୍ରାର୍ଥନା ଏକ ନମୁନା ମାତ୍ର। ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି। ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ। ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି। ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ। ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ। ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ। ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍।

**All Peoples Church**
**Bible College & Ministry Training Center**

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଅନେକ ଉତ୍ସରୁ ପ୍ରାପ୍ତ ତଥ୍ୟସବୁକୁ ଭିତ୍ତି କରି ଆମଠାରେ ଈଶ୍ୱରଙ୍କର ଏକ ଛବି ବିକଶିତ ହୋଇଥାଏ, ଯଥା : ଅନ୍ୟମାନେ ଈଶ୍ୱରଙ୍କ ବିଷୟରେ କ'ଣ କହିଛନ୍ତି ଏବଂ ଅନେକ ଅନୁଭୂତି, ପର୍ଯ୍ୟବେକ୍ଷଣ, ପଠନ ଓ ବିଶ୍ଳେଷଣରୁ ଆମେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥାଉ, ଇତ୍ୟାଦି। କିନ୍ତୁ ଏ ସମସ୍ତ ତଥ୍ୟ ସଠିକ୍ ନଥାଏ। ଅତୀତର ଅନୁଭୂତିସବୁର ଆଧାରରେ ଈଶ୍ୱର କିଏ, ସେ କ'ଣ କରନ୍ତି ଓ ସେ କିପରି କାର୍ଯ୍ୟ କରନ୍ତି ସେ ସମ୍ବନ୍ଧରେ ଆମ ମଧ୍ୟରେ ଅନେକ ପକ୍ଷପାତିତ୍ୱ, ଭ୍ରାନ୍ତଧାରଣା ଓ ଭୁଲ ଅନୁମାନ ସ୍ଥାନ ପାଇଥାଏ। ଅନେକ ସମୟରେ ବିଭିନ୍ନ ଧର୍ମ ସ୍ଥାନରେ ଆମେ ଅନେକ ବିଷୟ ଶୁଣିଥାଉ ଓ ଅନେକ ଖ୍ରୀଷ୍ଟୀୟ ପୁସ୍ତକ ପଢ଼ିଥାଉ। ସେଥିରୁ ମଧ୍ୟ ଆମେ ଈଶ୍ୱରଙ୍କ ସମ୍ବନ୍ଧରେ ଭୁଲ ତଥ୍ୟ ପାଇଥାଉ ଏବଂ ଈଶ୍ୱରଙ୍କ ଛବିକୁ ଭୁଲ୍ ଓ ବିକୃତ ରୂପେ ଦେଖିପାରୁ। ଆମେ ମଧ୍ୟ ଅନେକ ସମୟରେ ମନେ କରିଥାଉ ଯେ, ଈଶ୍ୱର ଅନୁଦାର ଓ ନିଷ୍ଠୁର ଅଟନ୍ତି।

ବାଇବଲ କିନ୍ତୁ ଈଶ୍ୱରଙ୍କୁ ଏକ ଉତ୍ତମ ଓ ମଙ୍ଗଳମୟ ଈଶ୍ୱର ଭାବରେ ବର୍ଣ୍ଣନା କରେ। ଏହି ପୁସ୍ତକରେ ଈଶ୍ୱରଙ୍କର ଏକ ନୂତନ ଛବିକୁ ଉପସ୍ଥାପନ କରାଯାଇଛି।

**ଆଶିଷ୍ ରାଇଚୁର୍**